## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

ବଇଣ୍ଡା, ୩୦।୯(ଡି.ଏନ.ଏ.): ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କନ୍ତପଡା ଗ୍ରାମରେ ପୁରୁଷୋତ୍ତମ ଦେହୁରୀ(୩୦)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ସେ ମଙ୍ଗଳବାର ରାତିରେ ଘରେ ଶୋଇଥିବାବେଳେ ତାଙ୍କ ଗୋଡକୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୫ ଦୋକାନ ସିଲ୍

ବଅଁରପାଳ, ୩୦।୯(ଡି.ଏନ.ଏ.): ବଅଁରପାଳ ବଜାରର ଜଣେ ଫଳ ଦୋକାନୀ ମଙ୍ଗଳବାର କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ସଂକ୍ରମଣକୁ ଦୃଷ୍ଟିରେ ରଖି ତାଙ୍କ ଦୋକାନ ସହ ପାଖରେ ଥିବା ଆଉ ୪ ଦୋକାନକୁ ବୁଧବାର ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ସପ୍ତାହକ ମଧରେ ନଲ୍‌କୋ ଓ ବଅଁରପାଳ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ଦୋକାନ ସିଲ୍ କରାଗଲାଣି।

### ନାଲ୍‌କୋ ଠିକାଦାରଙ୍କ ମୃତ୍ୟୁ



ବଅଁରପାଳ, ୩୦।୯(ଡି.ଏନ.ଏ.): ନାଲ୍‌କୋର ବରିଷ୍ଠ ଠିକାଦାର ଦୁଃଶାସନ ବରାହଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବଅଁରପାଳର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଭୁବନେଶ୍ୱର ଆଣିବା ବାଟରେ ରାସୋଳଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଠିକାଦାରୀ ସହ ନାଲ୍‌କୋ ପେରିଫେରି ଟ୍ରକ୍ ମାଲିକ ସଂଘର ଉପଦେଷ୍ଟା ରହିଥିଲେ। ତାଙ୍କ ବିୟୋଗରେ ସଂଘ ସଭାପତି ସୁବାସ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ନାରାୟଣ ଚନ୍ଦ୍ର ସିଂ, ଦୀପକ ସାହୁ, ନରୋତ୍ତମ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ବଜ୍ରପାତରେ ୫ ଗୋରୁ ମୃତ

ଛେଣ୍ଡିପଦା,୩୦।୯(ସ୍ୱ.ପ୍ର.): ଅନୁଗୋଳ ଜିଲା ଜରପଡା ଥାନା କତଡା ପଞ୍ଚାୟତ କନ୍ଧକୋରଡା ଗ୍ରାମରେ ବୁଧବାର ଅପରାହ୍ଣରେ ବଜ୍ରପାତ ଯୋଗୁ ୫ ଗୋରୁ ମରିଛନ୍ତି। ଗ୍ରାମର ଜଣେ ମହିଳା ଗୋରୁ ଚରାଇବାକୁ ନେଇଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ୫ ଗୋରୁଙ୍କ ଜୀବନ ଯାଇଥିଲା। ମହିଳା ଜଣକ ମଧ ଆହତ ହୋଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ୪୭ ସଂକ୍ରମିତ, ୪୫ ସୁସ୍ଥ

ଢେଙ୍କାନାଳ ଅଫିସ, ୩୦।୯-ଢେଙ୍କାନାଳ ଜିଲାରେ ବୁଧବାର ୪୭ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ସେହିପରି ଚିକିତ୍ସା ପରେ ୪୫ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧରେ ସଦର ବ୍ଲକର ୮, ଢେଙ୍କାନାଳ ପୌରାଞ୍ଚଳର ୮, ଓଡ଼ାପଡ଼ା ବ୍ଲକର ୭, ଭୁବନ ବ୍ଲକର ୭, ହିନ୍ଦୋଳ ବ୍ଲକ ଏବଂ ଏନ୍‌ଏସିର ୪, ଗଁଦିଆ ବ୍ଲକର ୨, କାମାକ୍ଷାନଗର ବ୍ଲକର ଜଣେ ଏବଂ ଭୁବନ ଏନ୍‌ଏସିର ଜଣେ ଅଛନ୍ତି। ସେହିପରି କଟକ ଓ ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ୯ ପଜିଟିଭ୍ ବାହାରିଛନ୍ତି। ଜିଲାରେ ମୋଟ୍ ୩୭୩୬ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୩୦୯୮ ଜଣ ସୁସ୍ଥ ହୋଇଛନ୍ତି।

# ସମସ୍ତଙ୍କୁ ନ ଡାକିଲେ ବୈଠକ ବର୍ଜନ

**ଢେଙ୍କାନାଳ ଅଫିସ, ୩୦।୯**

- କ୍ଷୋଭ ଜଣାଇଲା ମିଳିତ ବଜାର ପୂଜା କମିଟି
- ପ୍ରଶାସନର ନିଷ୍ପତ୍ତିକୁ ନାପସନ୍ଦ କଲେ କାର୍ଯ୍ୟକର୍ତ୍ତା

ଢେଙ୍କାନାଳ ମିଳିତବଜାର ଲକ୍ଷ୍ମୀପୂଜା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମିନାବଜାର ପୂଜା ପ୍ରତିଷ୍ଠାନ ପରିସରରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପୂଜା ଆୟୋଜନ ନେଇ ଅକ୍ଟୋବର ୫ରେ ଜିଲା କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ବୈଠକ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଯଦି ସମସ୍ତ ପୂଜା ପ୍ରତିଷ୍ଠାନକୁ ଡକା ନ ଯାଏ ତେବେ ବୈଠକ ବର୍ଜନ କରିବାକୁ କମିଟି ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ଗୁରୁବାର ଲିଖିତ ଭାବେ ଜିଲା ପ୍ରଶାସନକୁ ଜଣାଇ ଦିଆଯିବ ବୋଲି ସଭାପତି ବିଶ୍ୱନାଥ ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀ ଭିତରେ ଗଣପର୍ବ ଲକ୍ଷ୍ମୀପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବାକୁ ୫ ତାରିଖରେ ପ୍ରଶାସନିକ ବୈଠକ ଆହୁତ ହୋଇଛି। ଏଥିଲାଗି ମିଳିତ ବଜାର ପୂଜା କମିଟି ସଭାପତି ଏବଂ ମିନାବଜାର ପୂଜା କମିଟି ସମ୍ପାଦକଙ୍କୁ ପତ୍ର ମାଧମରେ ଡକାଯାଇଛି। ହେଲେ ଏହାକୁ ଅନ୍ୟ ପୂଜା କମିଟିର କର୍ମକର୍ତ୍ତା ନାପସନ୍ଦ କରିଛନ୍ତି। ସମସ୍ତ ପୂଜା କମିଟିର କର୍ମକର୍ତ୍ତା ରହିଲେ ଆଲୋଚନାର ସୁଫଳ ମିଳିବ। କିଭଳି ପୂଜା ଆୟୋଜନ କରାଯିବ ସେ ସମ୍ପର୍କିତ ନୀତିନିୟମ ବିଷୟରେ ସମସ୍ତେ ଜାଣିପାରିବେ। ଏଥିସହ ପ୍ରଶାସନିକ ନିଷ୍ପତ୍ତିକୁ ନେଇ ପୂଜାକାର୍ଯ୍ୟ ଆଗେଇବ। ହେଲେ ପ୍ରଶାସନ ଏହା କରୁନାହିଁ। ତେଣୁ ସମସ୍ତ ପୂଜା କମିଟିକୁ ବୈଠକକୁ ନ ଡାକିଲେ କେହି ଯିବେ ନାହିଁ ବୋଲି ସାମୂହିକ ନିଷ୍ପତ୍ତି ହୋଇଛି। ବୈଠକରେ ଶାନ୍ତି କମିଟି ପକ୍ଷରୁ ନବକିଶୋର ଗୁରୁ, ସୁଧାଂଶୁ ଦଳେଇ, ମିନାବଜାର ପୂଜା କମିଟି ସମ୍ପାଦକ ପୀତବାସ ସାହୁ, ରାମଚନ୍ଦ୍ର ପାତ୍ର, ବିନୋଦ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ, ଗୋପାଳ ପାତ୍ର, ଗୋପାଳଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ରୁଦ୍ରନାରାୟଣ ତ୍ରିପାଠୀ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ କମିଟିର କର୍ମକର୍ତ୍ତାମାନେ।

## ଭିଜିଲାନ୍ସ ଜାଲରେ ପିଇଓ

**ବଇଣ୍ଡା,୩୦।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ସଞ୍ଜାମୁରା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ନିର୍ଭୟ ପ୍ରଧାନଙ୍କୁ ମଙ୍ଗଳବାର ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରିଛନ୍ତି। ସେ ଜଣେ ହିତାଧିକାରୀଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା କୁହାଯାଇଛି। ଘଟଣାରୁ ପ୍ରକାଶ ଯେ, ନିମିତିର ଗ୍ରାମର ଜୟନ୍ତ ବିଶ୍ୱାଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଥିବା ବେଳେ ତାଙ୍କର ୧ ଲକ୍ଷ ୨୦ ହଜାର ଟଙ୍କାର ବିଲ୍ ପାସ୍ କରିବା ପାଇଁ ପିଇଓ ନିର୍ଭୟ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଜୟନ୍ତ କଟକ ଭିଜିଲାନ୍ସ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପିଇଓ ନିର୍ଭୟ ପଞ୍ଚାୟତ କାର୍ଯ୍ୟାଳୟରେ ଥିବାବେଳେ ଜୟନ୍ତ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଅଧିକାରୀମାନେ ପିଇଓଙ୍କ ଠାରୁ ଟଙ୍କା ଜବତ କରିବା ସହ ଗିରଫ କରିଥିଲେ। ଏ ସମ୍ପର୍କରେ ସଞ୍ଜାମୁରା ସରପଞ୍ଚ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି, ପିଇଓ ୧୦ ହଜାର ଟଙ୍କା ନେଉଥିବା ବେଳେ ଗିରଫ ହୋଇଛନ୍ତି। ତାଙ୍କୁ ଏଥିରେ ଫସାଇ ଦିଆଯାଇଥିବା ସରପଞ୍ଚ ସଫେଇ ଦେଇଛନ୍ତି।


**OFFICE OF THE CHAIRMAN, P.G. COUNCIL**
**SHRI JAGANNATH SANSKRIT VISHVAVIDYALAYA**
**SHRI VIHAR, PURI-3, ODISHA**

No.______/PGC Dt.__________

**ADMISSION NOTICE**

Shri Jagannath Sanskrit Vishvavidyalaya invites applications for admission into various P.G. Departments for the Session 2020-21. Last date of receipt of application is **21st October 2020.** Other details are available in the University website **www.sjsv.nic.in**

**Important Notice** : Admission will be made through Entrance Examination. Hence, it is requested to go through the details given in the website.

**Sd./- CHAIRMAN, PGC**


## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

**ବଇଣ୍ଡା,୩୦।୯(ଡି.ଏନ.ଏ.)**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା ଦାବି କରି ପଦଯାତ୍ରା କରୁଥିବା ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିନ୍ଦୋଲ ଗ୍ରାମର ସତ୍ୟବ୍ରତ ଦାସ (୩୦) ବୁଧବାର ଅନୁଗୋଳ ଜିଲା ଆଠମଲ୍ଲିକରେ ପହଞ୍ଚିଛନ୍ତି। ମଙ୍ଗଳବାର ସେ କିଶୋରନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସତ୍ୟବ୍ରତଙ୍କ କହିବା ଅନୁଯାୟୀ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ମିଳିଲେ ଓଡ଼ିଶାର ଅନେକ ବିକାଶ ହେବ। ଏ ନେଇ ବହୁବାର ଦାବି ହୋଇ ଆସୁଥିଲେ ହେଁ କେନ୍ଦ୍ର ସରକାର ଏହି ମାନ୍ୟତା ପ୍ରଦାନ କରୁନାହାନ୍ତି। ତେଣୁ ଏହି ଗୋଟିଏ ଦାବି ନେଇ ସେ ଗତ ୨୦୧୯ ଜୁଲାଇ ୧୦ରୁ ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ନିଜ ସତ୍ୟାଗ୍ରହ ପଦଯାତ୍ରା ଆରମ୍ଭ କରିଥିଲେ। ଇତିମଧ୍ୟରେ ସେ ୪୪୯ ଦିନରେ ୭ ହଜାର ୮ଶହ କିଲୋମିଟର ରାସ୍ତା ଅତିକ୍ରମ କରିସାରିଛନ୍ତି। ପୂରା ଓଡ଼ିଶା ବୁଲିବା ସହ ସମସ୍ତ ୩୧୪ ବ୍ଲକ ଅଧିକାରୀଙ୍କୁ ସେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ପଦଯାତ୍ରା ଶେଷରେ ସେ ରାଷ୍ଟ୍ରପତିଙ୍କୁ ଭେଟିବାର ଯୋଜନା ରଖିଥିବା ସତ୍ୟବ୍ରତ ପ୍ରକାଶ କରିଛନ୍ତି।



ବ୍ଲକ ଅଧିକାରୀଙ୍କୁ ସତ୍ୟବ୍ରତ ଦାବିପତ୍ର ପ୍ରଦାନ କରୁଛନ୍ତି।

## ୧୩୬ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର 'ଓଡ଼ିଶା ମୋ ପରିବାର' ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ୧୩୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କରୋନା ମହାମାରୀ ସମୟରେ ରକ୍ତର ଅଭାବ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଏବଂ ବିଧାୟକ ସୁଧୀର କୁମାର ସାମଲଙ୍କ ନିର୍ଦ୍ଦେଶରେ ଏହି ଶିବିର ଅନୁଷ୍ଠିତ ହୋଇଥିବା 'ଓଡ଼ିଶା ମୋ ପରିବାର'ର ଜିଲା ସଂଯୋଜକ ସୁରଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ବିଶ୍ୱନାଥ ଜେନା, ନିରାକାର ରାଉତ, ପ୍ରଦୀପ ରାଉତ, କ୍ଷୀରୋଦ ଦାସ, ସନ୍ତୋଷ ବିଶ୍ୱାଳ ସମେତ ବହୁ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏପରି ରକ୍ତଦାନ ଶିବିର ଜାରି ରହିବ ବୋଲି ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର କହିଛନ୍ତି।

## ୫ ପ୍ଲାଜମାଦାତା ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ସର୍କିଟ୍ ହାଉସ୍ ପରିସରରେ ମଙ୍ଗଳବାର ୫ ପ୍ଲାଜ୍‌ମାଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କାମାକ୍ଷାନଗର ବ୍ଲକ ଝରାସାହିର ଅଶ୍ୱିନୀ ସାମଲ, କାଦୁଆର ସୁଶାନ୍ତ ସାହୁ, ଆଳତୁମାର ବିଭୂତି ଭୂଷଣ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି ଏବଂ ବାଙ୍ଗୁରାର ଜ୍ଞାନରଞ୍ଜନ ସାମଲ। ସମ୍ପୃକ୍ତ ବ୍ୟକ୍ତିମାନେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ସ୍ୱେଚ୍ଛାକୃତ ଭାବେ ସ୍ୱଇଚ୍ଛାରେ ପ୍ଲାଜମା ଦାନ କରିଥିଲେ। ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀ ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆପତକାଳୀନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ଲାଜମାଦାତାଙ୍କୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସାଧୁବାଦ ଜଣାଇଛନ୍ତି।



ପ୍ଲାଜ୍‌ମାଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଅନୈତିକ କାର୍ଯ୍ୟ ମାମଲାରେ ଅଭିନେତା ଗିରଫ

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ସହର କାଳଟାଙ୍କ ଅଞ୍ଚଳରେ ଗତ ମଙ୍ଗଳବାର ରାତିରେ ଧରାପଡ଼ିଥିବା ଅନୈତିକ କାର୍ଯ୍ୟ ମାମଲାରେ ପୋଲିସ ଘର ମାଲିକ ତଥା ଅଭିନେତା ଶିବାଜୀ ମହାନ୍ତି (୫୦) ଏବଂ ତାଙ୍କ ସ୍ତ୍ରୀ ପ୍ରଲିପ୍ତା ମହାନ୍ତିଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୩୯୩/୨୦ରେ ମାମଲା ରୁଜୁ କରାଯାଇଛି। ଅନ୍ୟପଟେ ଘରୁ ଉଦ୍ଧାର କରାଯାଇଥିବା ଭୁବନେଶ୍ୱର ଅଞ୍ଚଳର ଯୁବତୀଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି।


**POST GRADUATE COUNCIL**
**Sambalpur University**
**JYOTI VIHAR-768019, SAMBALPUR, ODISHA**
**Phone & Fax (Off.): (0663)2430776**
**e-mail ID: pgco@suniv.ac.in**

Notification No.954/PGCO Date: 30.9.2020

**ADMISSION ANNOUNCEMENT 2020-21**

Online applications for admission into the following P.G. Courses for the academic session 2020-21 are invited from eligible candidates for which Entrance Test will be conducted by Sambalpur University:

| | |
|---|---|
| 1. | Executive MBA (Self Financing) |
| 2. | M.Tech. in Environmental Science and Engineering (Self-Financing) |
| 3. | M.Sc. Food Science (Self-Financing) |
| 4. | M.Sc. Food Sc. & Nutrition (Self-Financing) |
| 5. | Integrated B.Ed-M.Ed (Self-Financing) |
| 6. | Master in Performing Arts (Dance & Drama) |

Application Form, Prospectus and other details including the dates of Entrance Test will be available from **02.10.2020** (4:00 P.M.) in the University website: **www.suniv.ac.in**. The last date for submission of application online is **30.10.2020**.

**Sd./- Chairman, P.G. Council**


## ଗ୍ରେଡ୍ ହେରଫେର କରି ରୟାଲ୍‌ଟି ଫାଙ୍କି ଧରାପଡ଼ିଲା

**କେନ୍ଦୁଝର/ଯୋଡ଼ା, ୩୦।୯ (ସ୍ୱ.ପ୍ର./ଡି.ଏନ.ଏ.)**

ଖଣିରେ ବେଆଇନ କାମ ରୋକିବା ପାଇଁ ସରକାର ଆଇନକୁ କଡ଼ାକଡ଼ି କରିଛନ୍ତି। ଏହା ସତ୍ତ୍ୱେ ଏବେ ମଧ କେତେକ ଖଣିରେ ବେଆଇନ କାମ ଚାଲିଥିବା ଅଭିଯୋଗ ହୋଇଆସୁଛି। ଉଚ୍ଚ ପ୍ରିମିୟମ ଦେଇ ଲୁହାପଥର ଖଣି ନିଲାମ ନେଇଥିବା କେତେକ ଖଣିସଂସ୍ଥା କ୍ଷତି ଭରଣା କରିବା ସହ ଲାଭ ଉଠାଇବା ପାଇଁ ସରକାରଙ୍କ ନିର୍ଦ୍ଧାରିତ ନୀତିନିୟମ ପାଳନ କରୁ ନ ଥିବା ଅଭିଯୋଗ ହେଉଛି। ନିକଟରେ ଭୁବନେଶ୍ୱର ଖଣି ଯୁଗ୍ମ ନିର୍ଦ୍ଦେଶକ ଯୋଡା ଗସ୍ତ କରି ଫେରିବା ପରେ କେତେକ ଖଣିରେ ବେଆଇନ କାମ ଚାଲିଥିବା ଚିଠି ନଂ. ୬୬୦୫/୨୩।୯।୨୦୨୦ରୁ ଜଣାପଡିଛି। ଏଥିରେ ବହୁ କୋଟି ଟଙ୍କା ରାଜସ୍ୱ ହାନି ହୋଇଥିବାରୁ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଉଛି।

ପ୍ରକାଶ ଯେ, ଶତ ପ୍ରତିଶତରୁ ଅଧିକ ପ୍ରିମିୟମ ଦେଇ କେତେକ ଖଣି ସଂସ୍ଥା ଖଣି ଲିଜ୍ ନେଇଥିବାରୁ କ୍ଷତି ଭରଣା ପାଇଁ ବିଭିନ୍ନ ବେଆଇନ ବାଟରେ କାମ କରିବା ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଆଉ ଏବେ ତାହା ସ୍ପଷ୍ଟ ହୋଇଯାଇଛି। ଖଣିରେ ବେଆଇନ କାମ ଚାଲିଥିବା ଜଣାପଡ଼ିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିକଟରେ ଭୁବନେଶ୍ୱର ଖଣି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଜଜାଙ୍ଗ, ନୂଆଗାଁ, ଗଣୁଆ, ନାରାୟଣପୋଷୀ, ଠାକୁରାଣୀ ଖଣିକୁ ଅଚାନକ ପରିଦର୍ଶନ କରିଥିଲେ। ଯାଞ୍ଚ ବେଳେ ଖଣି ଲିଜ୍‌ଧାରୀମାନେ ନୀତିନିୟମ ନିର୍ଦ୍ଧାରିତ ଜ୍ୟାମିତିକ ଆକାରରେ ଲୁହାପଥର ଗଚ୍ଛିତ କରି ନ ଥିବା ଜଣାପଡ଼ିଛି। ଏପରିକି ମାଇନିଂ ପ୍ଲାନ ଅନୁମୋଦିତ ନିର୍ଦ୍ଧାରିତ ସ୍ଥାନରେ ଲୁହାପଥର ଗଚ୍ଛିତ କରାଯାଉ ନାହିଁ। ଏହାର ମାନରେ ହେରଫେର ହେଉଥିବା ଓ ରୟାଲ୍‌ଟି ଫାଙ୍କିଥିବା ଜଣାପଡ଼ିଛି। ଲୁହାପଥର ମାନ ଜାଣିବା ପାଇଁ ୩୩ ନମୁନା ଯାଞ୍ଚ ବେଳେ ୧୫ ନମୁନାର ଗ୍ରେଡ୍ ଦର୍ଶାଯାଇଥିବା ମାନଠାରୁ ଅଧିକ ଥିବା ଜଣାପଡିଛି। ଏଣୁ ଅଧିକ ଗ୍ରେଡ୍ ବାହାରିଥିବା ଲୁହାପଥରର ରୟାଲ୍‌ଟି ଦାଖଲ କରିବାକୁ କୁହାଯାଇଛି। ଉଚ୍ଚମାନର ଲୁହାପଥରକୁ ନିମ୍ନ ମାନର ଦର୍ଶାଇ ବ୍ୟାପକ ରାଜସ୍ୱ ଲୁଟ୍ ହେଉଛି। ଉକ୍ତ ଚିଠିରେ ଓଡ଼ିଶା ମିନେରାଲ୍‌ସ (ପ୍ରିଭେନଶନ ଅଫ ଥେଫ୍ଟ, ସ୍ମଗଲିଂ ଆଣ୍ଡ ଇଲିଗାଲ ମାଇନିଂ ଆଣ୍ଡ ରେଗୁଲେଶନ ପଜେଶନ, ଗୋଦରେଜ, ଟ୍ରେଡିଂ ଆଣ୍ଡ ଟ୍ରାନ୍ସପୋର୍ଟେଶନ) ୨୦୦୭ ରୁଲ୍ ୧୦ ଅନୁଯାୟୀ ଖଣିଜପଥର ଷ୍ଟକ୍ ଉଠାଇବା ବେଳେ ପାଳନ କରିବାକୁ କୁହାଯାଇଛି।

# ପାଟିକା ସଂଘର ବିକ୍ଷୋଭ

**ବଇଣ୍ଡା,୩୦।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିଭିନ୍ନ ଦାବି ନେଇ ଏଆଇୟୁଟିୟୁସି ସହଯୋଗରେ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ କିଶୋରନଗର ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୩ ଦଫା ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇଛି। ଶାଖା ପକ୍ଷରୁ କୁହାଯାଇଛି ଯେ, ପାଚିକା ସହାୟିକାମାନଙ୍କୁ ସରକାର ସବୁକ୍ଷେତ୍ରରେ ଅବହେଳା କରି ଆସୁଛନ୍ତି। ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କି ସର୍ବନିମ୍ନ ମଜୁରି ଦିଆଯାଉ ନାହିଁ। ତୁରନ୍ତ ୨୮ ମାସର ବର୍ଦ୍ଧିତ ଦରମା ପ୍ରଦାନ ପାଇଁ ଶାଖା ପକ୍ଷରୁ ଅଳକା ସାହୁ, ନିରୁପମା ପ୍ରଧାନ, ଲକ୍ଷ୍ମୀ ସାହୁ, ସୁମିତ୍ରା ବେହେରା ପ୍ରମୁଖ ଦାବି କରିଛନ୍ତି।




ପାଚିକା ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।


NATIONAL HEALTH MISSION
NPHCE

**ଆନ୍ତର୍ଜାତିକ ବୟସ୍କ ଦିବସ**
**୧ ଅକ୍ଟୋବର,୨୦୨୦**

DSPL - 65

ବୟସ୍କ (୬୦ ବର୍ଷରୁ ଅଧିକ) ମାନଙ୍କ କ୍ଷେତ୍ରରେ ବୟସାଧିକ୍ୟ ଜନିତ ସମସ୍ୟା ଯଥା- ଉଚ୍ଚ ରକ୍ତଚାପ, ହୃତ୍‌ଘାତ, ମଧୁମେହ, ଶ୍ୱାସରୋଗ, ଦୃଷ୍ଟିହୀନତା, ଶ୍ରବଣଜନିତ ଅସୁସ୍ଥତା ଓ କର୍କଟ ରୋଗ ଆଦି ଦେଖାଯାଇଥାଏ। କରୋନାରେ ସଂକ୍ରମିତ ହେବାର ଆଶଙ୍କା ମଧ୍ୟ ବୟସ୍କ ବ୍ୟକ୍ତିଙ୍କ ଠାରେ ସର୍ବାଧିକ।

**ବୟସ୍କ ବ୍ୟକ୍ତିଙ୍କ ପାଇଁ କରୋନା ସତର୍କତା**

- ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ ଏବଂ ମୁହଁ, ଆଖି, ନାକକୁ ସ୍ପର୍ଶ କରନ୍ତୁ ନାହିଁ।
- ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ମାସ୍କ ବ୍ୟବହାର କରନ୍ତୁ।
- ପୂର୍ବରୁ କୌଣସି ଚିକିତ୍ସା ହେଉଥିଲେ ଔଷଧ ଚାଲୁ ରଖନ୍ତୁ ଏବଂ ଏକାଥରେ ମାସକ ପାଇଁ ଔଷଧ ଆଣି ଘରେ ରଖନ୍ତୁ।
- ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ) ଠାରୁ ଦୂରେଇ ରୁହନ୍ତୁ।
- ଅତି ଆବଶ୍ୟକ ନଥିଲେ ଘରୁ ବାହାରନ୍ତୁ ନାହିଁ।
- ଅଣସଂକ୍ରାମକ ରୋଗ ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ନିୟମିତ ସେବନ କରନ୍ତୁ।
- ସୁଷମ ଖାଦ୍ୟ ଖାଆନ୍ତୁ ଓ ନିୟମିତ ବ୍ୟାୟାମ କରନ୍ତୁ।
- ଯଥେଷ୍ଟ ପାଣି ପିଅନ୍ତୁ ଓ ବିଶ୍ରାମ ନିଅନ୍ତୁ।

**ଆସନ୍ତୁ ବୟସ୍କମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଆମେ ବିଶେଷ ଯତ୍ନବାନ ହୋଇ ସୁସ୍ଥ ସମାଜ ଗଠନରେ ସାମିଲ୍ ହେବା**

OIPR-10003/13/0018/2021

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha

